ବ୍ୟବସାୟୀ ଏବଂ ଟ୍ରାନ୍ସପୋର୍ଟରଙ୍କ ଅବଗତି ନିମନ୍ତେ

ଓଡିଶା ସରକାର
କମିଶନରେଟ୍(ସିଟି ଓ ଜିଏସଟି)
(ଅର୍ଥ ବିଭାଗ)

## ଅନ୍ତଃ ରାଜ୍ୟ (Intra-state) GST e-waybill ର ପ୍ରଚଳନ
## ଜୁନ ୧ ତାରିଖ ଠାରୁ

➢ ଏପ୍ରିଲ ୧ ତାରିଖ ଠାରୁ ସମଗ୍ର ଦେଶରେ ଆନ୍ତଃ ରାଜ୍ୟ (Inter-state) ସାମଗ୍ରୀ ପରିବହନ ନିମନ୍ତେ GST e-waybill ର ପ୍ରଚଳନ କରାଯାଇଛି । ତଦନୁଯାୟୀ, ଓଡିଶାର ବ୍ୟବସାୟୀ ମାନେ ଆନ୍ତଃ ରାଜ୍ୟ ସାମଗ୍ରୀ ପରିବହନ ନିମନ୍ତେ ଦୈନିକ ହାରାହାରି ୫୦୦୦ e-waybill ବ୍ୟବହାର କରୁଛନ୍ତି

➢ ଇତି ମଧ୍ୟରେ ଓଡିଶାର ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଝାଡ଼ଖଣ୍ଡ ସମେତ ଦେଶର ୨୫ ଟି ରାଜ୍ୟରେ ଅନ୍ତଃ ରାଜ୍ୟ (Intra-state) ସାମଗ୍ରୀ ପରିବହନ ନିମନ୍ତେ ମଧ୍ୟ GST e-waybill ର ପ୍ରଚଳନ ହୋଇସାରିଛି ।

➢ ଓଡିଶାରେ ଆସନ୍ତା **ଜୁନ ୧ ତାରିଖ** ଠାରୁ ଅନ୍ତଃ ରାଜ୍ୟ (Intra-state) ସାମଗ୍ରୀ ପରିବହନ ନିମନ୍ତେ GST e-waybill ର ପ୍ରଚଳନ ବାଧ୍ୟତାମୂଳକ କରାଯିବ ଯାହା ଫଳରେ ବ୍ୟବସାୟୀ ଓ ଟ୍ରାନ୍ସପୋର୍ଟର ମାନଙ୍କୁ ଓଡିଶା ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ୫୦,୦୦୦ ବା ତଦୁର୍ଦ୍ଧ ଟଙ୍କା ମୂଲ୍ୟର ସାମଗ୍ରୀ ପରିବହନ ନିମନ୍ତେ e-waybill ବ୍ୟବହାର କରିବାକୁ ପଡିବ

➢ କିନ୍ତୁ ନିମ୍ନଲିଖିତ କ୍ଷେତ୍ରରେ ସାମଗ୍ରୀ ପରିବହନ ନିମନ୍ତେ e-waybill ଆବଶ୍ୟକ ହେବ ନାହିଁ
- GST ମୁକ୍ତ ସାମଗ୍ରୀ ଯଥା – ବ୍ରାଣ୍ଡ ବିହୀନ ଚାଉଳ, ଡାଲି ଜାତୀୟ ଦ୍ରବ୍ୟ, ଗହମ, ଧାନ, ବିହନ, ଆଳୁ, ପିଆଜ ଓ ଅନ୍ୟାନ୍ୟ ପନି ପରିବା, ମାଛ, ଦୁଗ୍ଧ ଓ କେତେକ ଦୁଗ୍ଧ ଜାତ ଦ୍ରବ୍ୟ, ପାନ ପତ୍ର, ନଡିଆ, କଞ୍ଚା ହଳଦୀ, ମକା, କଞ୍ଚା ବାଦାମ, ଗୁଡ ଓ ପୁସ୍ତକ ଇତ୍ୟାଦି
- GST ପରିସରଭୁକ୍ତ କେତୋଟି ସାମଗ୍ରୀ ଯଥା – LPG, PDS କିରୋସିନ, ପୁରୁଣା ଓ ବ୍ୟବହୃତ ଘରୋଇ ଆସବାସ ପତ୍ର ଇତ୍ୟାଦି
- GST ପରିସର ବାହାରେ ରହିଥିବା ସାମଗ୍ରୀ ଯଥା – ପେଟ୍ରୋଲ, ଡିଜେଲ, ମଦ୍ୟ ଇତ୍ୟାଦି
- ବ୍ୟବସାୟ ସ୍ଥଳରୁ ୨୦ କି.ମି. ଦୂରତା ମଧ୍ୟରେ ଥିବା ଧର୍ମ କଣ୍ଟାକୁ ସାମଗ୍ରୀ ଓଜନ ନିମନ୍ତେ ଯାଉଥିଲେ

➢ ରାଜ୍ୟ ମଧ୍ୟରେ ୫୦ କି.ମି. ଦୂରତା ଭିତରେ କୌଣସି ସାମଗ୍ରୀ ଟ୍ରାନ୍ସପୋର୍ଟରଙ୍କ ପାଖରୁ ବ୍ୟବସାୟୀଙ୍କ ପାଖକୁ ହସ୍ତାନ୍ତର ପାଇଁ ବା ବ୍ୟବସାୟ ସ୍ଥଳରୁ ଟ୍ରାନ୍ସପୋର୍ଟରଙ୍କ ପାଖକୁ ପୁନଃ ପରିବହନ ପାଇଁ ଯାଉଥିଲେ, e-waybill ର Part-B ପୂରଣ କରିବା ଆବଶ୍ୟକ ନୁହେଁ । କିନ୍ତୁ ଉଭୟ କ୍ଷେତ୍ରରେ e-waybill ର Part-A ପୂରଣ କରିବା ନିତ୍ୟାନ୍ତ ଆବଶ୍ୟକ

➢ ବ୍ୟବସାୟୀ ଓ ଟ୍ରାନ୍ସପୋର୍ଟର ମାନେ http://ewaybillgst.gov.in ପୋର୍ଟାଲରେ Login କରି ନିଜକୁ ପଞ୍ଜୀକୃତ କରିବା ପରେ ଇ-ୱେ ବିଲ generate କରି ପାରିବେ । ବ୍ୟବସାୟୀ ଓ ଟ୍ରାନ୍ସପୋର୍ଟର ମାନେ ଜୁନ ମାସ ୧ ତାରିଖକୁ ଅପେକ୍ଷା ନକରି ତା ପୂର୍ବରୁ ନିଜକୁ ପଞ୍ଜୀକୃତ କରି e-waybill ର ବ୍ୟବହାର ଆରମ୍ଭ କରି ପାରିବେ ।

➢ e-waybill ସମ୍ବନ୍ଧୀୟ କୌଣସି ସମସ୍ୟା ପରିଲକ୍ଷିତ ହେଲେ, ସମାଧାନ ନିମନ୍ତେ ନିକଟସ୍ଥ ବାଣିଜ୍ୟକର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ପାରିବେ

## ଆଉ ମାତ୍ର ୩ ଦିନ ବାକି ରହିଲା

କମିଶନର (ସିଟି ଓ ଜିଏସଟି)
ଓଡିଶା ସରକାର
(ବାଣିଜ୍ୟକର ଭବନ, କ୍ୟାଣ୍ଟନମେଣ୍ଟ ରୋଡ, କଟକ)

**Help Desk :** 1800-345-6753 (Toll Free)
**Web-site :** web.odishatax.gov.in

***Instruction to Advertisement Publishers :***

- *The above mentioned advertisement is to be published prominently (i.e. with sufficiently dark ink) as QUARTER PAGE advertisement on any of the inner pages, exactly as per the given Layout, Design and Font Style. Deviation will attract deduction from advertisement publication claim amount.*

Approved. To be published in Top-6 Major Odia Daily Newspapers (all-Odisha edition) for one day (on 28.5.18 or 29.5.18) as a Qr-Pg B/W advertisement on INNER Page.

26/5